## ପ୍ରେସ୍ ନୋଟ୍

## ଜିଲ୍ଲା ସ୍ତରୀୟ 'ବେଟି ବଚାଓ ବେଟି ପଢାଓ' ଓ ବାଲ୍ୟ ବିବାହ ଟାସ୍କ ଫୋର୍ସ ବୈଠକ।

ଅନୁଗୋଳ, ତା.୧୨.୦୨:- ଶିଶୁ କନ୍ୟାମାନଂକର ସୁରକ୍ଷା ଓ ସେମାନଂକର ସଂଖ୍ୟା ବୃଦ୍ଧିକୁ ନେଇ ଜିଲ୍ଲା ସ୍ତରୀୟ 'ବେଟି ବଚାଓ ବେଟି ପଢାଓ' ଓ ବାଲ୍ୟ ବିବାହ ଟାସ୍କ ଫୋର୍ସ ବୈଠକ ଗତକାଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଲିଙ୍ଗ ଅନୁପାତରେ ସମତା ଆଣିବା ନିମନ୍ତେ କନ୍ୟା ଶିଶୁ ମାନଂକ ସଂଖ୍ୟା ବୃଦ୍ଧି ଓ ସେମାନଂକର ପୋଷଣ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ । ନବମ ଓ ଦଶମ ଶ୍ରେଣୀରେ ବାଳିକାମାନଂକର ଉପସ୍ଥିତି ଉପରେ ଗୁରୁତ୍ୱ ଦେବାପାଇଁ ଜିଲ୍ଲାପାଳ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପରିଷ୍କାର ପରିଛନ୍ନତା ବଜାୟ ରଖିବା ପାଇଁ ଆସନ୍ତା ଏକ ବର୍ଷ ମଧ୍ୟରେ ଜିଲ୍ଲାରେ ସମସ୍ତ ସରକାରୀ କାର୍ଯ୍ୟାଳୟ,ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପକ୍ସୋ ଆଇନର ସଠିକ୍ କାର୍ଯ୍ୟକାରୀତା ନିମନ୍ତେ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବାଲ୍ୟ ବିବାହ ମୋକଦ୍ଦମା ଗୁଡିକୁ ଅଦାଲତରେ ତୁରନ୍ତ ଫାଇଲ କରିବା ପାଇଁ ପରାମର୍ଶ ଦିଆଯାଇଛି । ବାଲ୍ୟ ବିବାହ ବନ୍ଦ ପାଇଁ ସି.ଡି.ପି.ଓ ମାନେ ପୋଲିସର ସହଯୋଗ ନେବାକୁ ବୈଠକରେ ସ୍ଥିର ହୋଇଛି । ପ୍ରତି ମାସରେ ହେଉଥିବା ପଞ୍ଚାୟତ ସ୍ତରୀୟ ସଭାରେ ବାଲ୍ୟବିବାହ ଓ ଶିଶୁସୁରକ୍ଷା ଉପରେ ଆଲୋଚନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ପଞ୍ଚାୟତର ମାସିକ ସଭାକୁ ଟାସ୍କଫୋର୍ସର ସମସ୍ତ ସଦସ୍ୟ ଓ ସଦସ୍ୟାଂକୁ ଉପସ୍ଥିତ କରାଇବେ । ପଞ୍ଚାୟତ ସ୍ତରରେ ଶିଶୁ ମାନଂକର ଜନ୍ମହାର ପ୍ରସ୍ତୁତି କରାଯିବ । ଗାଁ କଲ୍ୟାଣ ସମିତିରେ

ହେଉଥିବା ପ୍ରତ୍ୟେକ ମାସିକ ବୈଠକରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରୋଧ ଉପରେ ଆଲୋଚନା କରି ରିପୋର୍ଟ ପ୍ରଦାନ କରିବେ । ଜିଲ୍ଲାର ସମସ୍ତ ଅନୁଷ୍ଠାନ ଯଥା ପୁରୋହିତ,କଲ୍ୟାଣ ମଣ୍ଡପ, ଯାନବାହାନ.ଟେଣ୍ଟ ହାଉସ,ବ୍ୟାଣ୍ଡବାଜା ପାର୍ଟି ଆଦି ଅନୁଷ୍ଠାନମାନେ ଯେ କୌଣସି ବାହାଘରରେ ଅଂଶ ଗ୍ରହଣ କରିବା ପୂର୍ବରୁ ବର ଓ କନ୍ୟାଙ୍କ ବୟସ ତଦାରଖ କରିବେ । ଉକ୍ତ ଅନୁଷ୍ଠାନ ମାନେ ଏହାର ଅବମାନନା କଲେ ସେମାନଂକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବୈଠକର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଲ ପିଓ ଶ୍ରୀ ପ୍ରଦୀପ ନାୟକ ପାୱାର ପଏଣ୍ଟ ମାଧ୍ୟମରେ 'ବେଟି ବଚାଓ ବେଟି ପଢାଓ' ଓ ବାଲ୍ୟ ବିବାହ ସମ୍ପର୍କରେ ଉଦ୍ଧିଷ୍ଟ ଆଇନର ବିଭିନ୍ନ ମାର୍ଗ ଉପରେ ଆଲୋକପାତ କରି ଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବସନ୍ତ କୁମାର ପ୍ରଧାନ,ଆସିଷ୍ଟାଣ୍ଟ କଲେକ୍ଟର ଈଶାନୀ ପଣ୍ଡା ,ଜିଲ୍ଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ପି.ସି ପି.ଏନ୍.ଡି.ଟିର ପି.ଏ ଶ୍ରୀ ପର୍ଶୁରାମ ପଣ୍ଡା ,ଚାଇଲ୍ଡ ଲାଇନ ୧୦୯୮ର କୋଅର୍ଡିନେଟର ଲିଜା ପାଣିଗ୍ରାହୀ ,ଅନୁପମା ରାଉତ ଓ ସମସ୍ତ ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL